# ଲୋଧା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର, ଓଡ଼ିଶା

୨୦୧୨


# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**

କମିଶନର ତଥା ଶାସନ ସଚିବ



# ଲୋଧା


ମୂଳ ଇଂରାଜୀ :

ଅଖିଳ ବିହାରୀ ଓତା

ଅନନ୍ତ ଚରଣ ସାହୁ

ଓଡ଼ିଆ ଅନୁସୃଜନ :

ଅଖିଳ ବିହାରୀ ଓତା

ପରମାନନ୍ଦ ପଟେଲ

ପ୍ରଦୀପ୍ତ କୁମାର ସାମଲ୍

# ଉପକ୍ରମଣିକା



ଲୋଧା ଓଡ଼ିଶାର ଅନ୍ୟତମ ଆଦିମ ଜନଜାତି ଭାବରେ ସୂଚିତ । ସେମାନଙ୍କର ପୂର୍ବଜ ଶବର ଶ୍ରେଣୀ ଅନ୍ତର୍ଭୁକ୍ତ । ବ୍ରିଟିଶ ଶାସନ ଅମଳରେ ଏମାନଙ୍କୁ ଅପରାଧ ପ୍ରବଣ ଗୋଷ୍ଠୀ ଭାବରେ ଘୋଷଣା କରାଯାଇଥିଲା ।

ସ୍ୱାଧୀନୋତ୍ତର ଭାରତ ବର୍ଷରେ ୧୯୫୨ ମସିହାର ସମ୍ବିଧାନ ସଂଶୋଧନ ପରେ ଲୋଧା ସଂପ୍ରଦାୟକୁ ସାଧାରଣ ଭାରତୀୟ ନାଗରିକର ମାନ୍ୟତା ମିଳିଛି । ମାତ୍ର "ଥରେ ଅପରାଧୀ ସବୁବେଳେ ଅପରାଧୀ" ନ୍ୟାୟରେ ଲୋଧାମାନଙ୍କ ପ୍ରତି ଲୋକମାନଙ୍କର ମାନସିକତାରେ ଥିବା ମନୋଭାବରେ ପରିବର୍ତ୍ତନ ଆସିନାହିଁ । ପଡୋଶୀମାନେ ଲୋଧାମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ଦ୍ୱାରା ସେମାନଙ୍କ ସାମାଜିକ ଅବସ୍ଥାରେ ଦୀନତା ଦେଖାଯାଉଛି । ସରକାର ସେମାନଙ୍କୁ ଆଦିମ ଜନଜାତି ଘୋଷଣା କରିଛନ୍ତି । ସେମାନଙ୍କ ସାମାଜିକ ଓ ଆର୍ଥିକ ପ୍ରଗତି ନିମନ୍ତେ ଏକ ଅଣୁ-ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଅନ୍ୟମାନେ ଯେପରି ଭଲରେ ବୁଝିବେ ଓ ସେମାନଙ୍କ ସହିତ ଉତ୍ତମ ସଂପର୍କ ସ୍ଥାପନ କରିବେ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଲୋଧାମାନଙ୍କ ସହିତ ସଂପର୍କ (Inter Community Relationship) ରେ ଉନ୍ନତି ଆଣିବା ନିମନ୍ତେ ପ୍ରୟାସ ଜାରି ରହିଛି ଓ ସେମାନଙ୍କୁ ମୁଖ୍ୟ ସାମାଜିକ





ସ୍ରୋତରେ ସାମିଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।

୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୩୬୫୦ ପୁରୁଷ, ୩୮୦୮ ମହିଳା ସମେତ ସର୍ବମୋଟ ୭୪୫୮ଜଣ ଲୋଧା ବସବାସ କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାର ମୋରଡା ବ୍ଲକ ଅନ୍ତର୍ଗତ ଶୁଳିଆପଦା ଗ୍ରାମ ଲୋଧା ସଂପ୍ରଦାୟର କେନ୍ଦ୍ର । ଏହା ବ୍ୟତୀତ ବାରିପଦା, ଖୁଣ୍ଟା, ଉଦଳା, କପ୍ତିପଦା ଆଦି ଅଞ୍ଚଳରେ ମଧ୍ୟ ଲୋଧାମାନେ ବସବାସ କରୁଥିବାର ଦେଖାଯାଏ । ଓଡ଼ିଶା ବାହାରେ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ମଧ୍ୟ ଲୋଧା ସଂପ୍ରଦାୟ ବସବାସ କରୁଛନ୍ତି ।

ଓଡ଼ିଶାରେ ଲୋଧାମାନେ ସାନ୍ତାଳ, ମୁଣ୍ଡା, ଭୂମିଜ, କୋହ୍ଲ, ମାହାଲୀ, ବାଥୁଡି, ମାଙ୍କଡ଼ିଆ, ଖଡିଆ ଆଦି ଜନଜାତିମାନଙ୍କ ସହିତ ବସବାସ କରୁଛନ୍ତି । ଏହାବ୍ୟତୀତ ସେମାନଙ୍କ ପଡୋଶୀ ହିସାବରେ ବ୍ରାହ୍ମଣ, ଖଣ୍ଡାୟତ, ତେଲି, ଗଉଡ, କମାର, ଧୋବା, ତନ୍ତୀ, ମହାନ୍ତ ପ୍ରଭୃତି ଗୋଷ୍ଠୀ ଗୋଟିଏ ଅଞ୍ଚଳରେ ବାସ କରୁଛନ୍ତି ।



ଲୋଧାମାନେ ସାଧାରଣତଃ ବର୍ଷତମାମ୍ ପାଣି ସୁବିଧାଥିବା ଜଙ୍ଗଲ ତଟବର୍ତ୍ତୀ ଅଞ୍ଚଳକୁ ନିଜର ବାସସ୍ଥଳୀ ରୂପେ ବାଛିଥାନ୍ତି । ଅନ୍ୟବର୍ଗର ଜନଜାତି ବା ଅନ୍ୟ ସାଧାରଣବର୍ଗଙ୍କ ସହ ଏକତ୍ର ବାସ କରିବା ଅପେକ୍ଷା ସେମାନେ ସ୍ୱ-ଗୋଷ୍ଠୀ ଓ ସ୍ୱ-ବର୍ଗ ସହ ଏକତ୍ର ବାସ କରିବାକୁ ଅଧିକ ପସନ୍ଦ କରିଥାନ୍ତି ।



ଲୋଧାମାନେ ଓଡ଼ିଆ-ମୁଣ୍ଡାରୀ-ବଙ୍ଗଳୀ ଭାଷାର ଏକ ମିଶ୍ରିତ ବୋଲିରେ ଭାବଗତ



ଆଦାନ ପ୍ରଦାନ କରିଥାନ୍ତି । ଶାରୀରିକ ଗଠନ ବେଶ୍ ହୃଷ୍ଟପୁଷ୍ଟ ଓ ସୁଦୃଢ଼ । ସେମାନଙ୍କ ଦେହର ରଙ୍ଗ ଧୂସର ବା ଫିକା ଧୂସର । ଉଚ୍ଚତା ମଧ୍ୟମ । ସେମାନଙ୍କ ଅଞ୍ଚଳରେ ଖଇରା, ଜମ୍ବିରା ଓ ବୁଢ଼ାବଲଙ୍ଗ ନଦୀ ପ୍ରବାହିତ । ଜଙ୍ଗଲରେ ଶାଳ, ମହୁଲ, ପିଆଶାଳ, କେନ୍ଦୁ, ଅସନ, ହରିଡା, ଗୁର, ବାଉଁଶ ଓ ଅନ୍ୟାନ୍ୟ ଔଷଧୀୟ ବୃକ୍ଷ ସମ୍ଭାର ଦେଖିବାକୁ ମିଳେ ।



# ବସତି ଓ ଗୃହ




ନିଜ ଗୋଷ୍ଠୀ ଲୋକ ବସବାସ କରି ରହୁଥିବା ଅଞ୍ଚଳରେ ଘର ତିଆରି କରିବାକୁ ଲୋଧାମାନେ ପସନ୍ଦ କରନ୍ତି । ସେମାନଙ୍କ ଗୃହନିର୍ମାଣରେ କୌଣସି ନିର୍ଦ୍ଦିଷ୍ଟ ନକ୍ସା ଓ ଯୋଜନା ନଥାଏ । ଗ୍ରାମଟି ଅପେକ୍ଷାକୃତ ସମତଳ ଅଞ୍ଚଳରେ ଅବସ୍ଥିତି ଥିବାରୁ କୂଅ, ନଳକୂଅ, ବିଦ୍ୟାଳୟ, ଥାନା, ଗ୍ରାମପଞ୍ଚାୟତ ପ୍ରମୂଖ ଭିତ୍ତି ରହିଥିବା ଦେଖାଯାଏ ।

ପ୍ରତି ଗ୍ରାମରେ ଗୋଷ୍ଠୀଭିତ୍ତିକ ଜମି ବା ସ୍ଥାନ ଚିହ୍ନଟ କରାଯାଇଥାଏ । ମୁଖ୍ୟ ବାସସ୍ଥଳୀର ଅନତି ଦୂରରେ ତାଙ୍କ ଆରାଧ୍ୟ ଦେବୀ ଚଣ୍ଡୀ ଓ ଶୀତଳା ଗ୍ରାମରେ ପୂଜା ପାଆନ୍ତି ।  ଲୋଧାମାନଙ୍କର ଦେବୀ ପୂଜକକୁ ଦେହୁରୀ କୁହାଯାଏ । ଦେହୁରୀ କିଛି ଯାଦୁକରୀ ଶକ୍ତିର ଅଧିକାରୀ ବୋଲି ଲୋଧାମାନେ ବିଶ୍ୱାସ କରନ୍ତି । ଗୋଷ୍ଠୀଭିତ୍ତିକ ସାମାଜିକ ପର୍ବପର୍ବାଣିକୁ ଦେହୁରୀ ପରିଚ୍ଳନା କରେ । ଦେହୁରୀ ଘରର ଠିକ୍ ପଛପଟେ ବାଉଁଶ ଘେରା ଘରଟିଏ ନିର୍ମିତ ହୋଇଥାଏ । ସେଠାରେ








ଗୁଣିଆମାନେ ଶିଷ୍ୟମାନଙ୍କୁ ପ୍ରଶିକ୍ଷଣ ଦିଅନ୍ତି । ଗାଁର ଶେଷ ମୁଣ୍ଡରେ ଦେବୀଙ୍କ ବାହନ, ମାଟି ନିର୍ମିତ ଘୋଡା, ହାତୀ ରଖାଯାଇଥାଏ । ସେଠାରେ ମୁଖ୍ୟ ଦେବଦେବୀ ପୂଜା ପାଆନ୍ତି । ଗୋଟିଏ ଗଛ ତଳେ ଗାଁର ପାରଂପରିକ ଗ୍ରାମ-ପରିଷଦସଭା ଅନୁଷ୍ଠିତ ହୁଏ ।

ଖାଦ୍ୟୋପଯୋଗୀ ପଦାର୍ଥ ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ନିମନ୍ତେ ବିଭିନ୍ନ ଋତୁରେ ଲୋଧାମାନେ ଜଙ୍ଗଲକୁ ଯାଆନ୍ତି । ପ୍ରତି ଗାଁରେ ନାଚିବା ପାଇଁ ଘର ଓ ବାଳକ ବାଳିକାମାନଙ୍କ ଖେଳିବା ନିମନ୍ତେ ଖେଳ ପଡ଼ିଆ ରହିଥାଏ । ଗାଁଠାରୁ ଅଳ୍ପ ଦୂରରେ ବୁଦିବୁଦିକିଆ ଜଙ୍ଗଲ ଥିବା ଅଞ୍ଚଳକୁ ଶ୍ମଶାନ ଭାବରେ ବ୍ୟବହାର କରାଯାଏ ।




ଲୋଧାମାନଙ୍କର ବାସଗୃହ ଇତସ୍ତତ ଭାବରେ ଦୁଇ ଧାଡ଼ିଆ ଶୈଳୀରେ ନିର୍ମିତ । ଘରଗୁଡ଼ିକର କାନ୍ଥ ମାଟିରେ ତିଆରି । ପାଖରେ ମିଳୁଥିବା ତୃଣକୁ ନେଇ ଘର ଛପର କରାଯାଏ । ଗୃହଗୁଡ଼ିକ ସାଧାରଣତଃ ଆୟତକାର ।  ଶାଳ କାଠରେ ଘରର







ଖୁଣ୍ଟ ତିଆରି । କାଠ ଓ ବାଉଁଶରେ ଘରର ଛାତ ନିର୍ମିତ । ଏବେ ଘ୍ରଳ ବଦଳରେ ଖପର ଘର କରାଯାଉଛି ।



ପାରଂପରିକ ଲୋଧାମାନଙ୍କ ଘରେ ଝରକା ନ ଥାଏ । ଦ୍ୱାର ବନ୍ଧ ଅଣ ଓସାରିଆ, ବାଉଁଶ ନିର୍ମିତ ତାଟିରେ ଦ୍ୱାର ବନ୍ଦ କରାଯାଏ । ପ୍ରତି ଗୃହରେ ଗୋଟିଏ ମାତ୍ର କୋଠରୀ । ଏହି କୋଠରୀଟି ସବୁ କାମରେ ବ୍ୟବହୃତ ହୁଏ । ସମୟର ପରିବର୍ତ୍ତନ ସହିତ ଗୃହ ନିର୍ମାଣ ଶୈଳୀ ମଧ୍ୟ ବଦଳିଛି । ବର୍ତ୍ତମାନ ଲୋଧାମାନେ କୋଠରୀ ବିଶିଷ୍ଟ ଘର ତିଆରି କରୁଛନ୍ତି । କୋଠରୀ ଗୁଡ଼ିକ ପ୍ରଶସ୍ତ ଓ ଚଉଡା ଦ୍ୱାର ବିଶିଷ୍ଟ । ଘର ଆଗରେ, ପଛପଟେ ବା କଡରେ ବାଡ଼ିବଗିଚ୍ଚ ରହୁଛି ।

ପୂର୍ବରୁ ଗୃହପାଳିତ ପଶୁ ନିମନ୍ତେ ସ୍ୱତନ୍ତ୍ର ଘର ନଥିଲା । ବାରଣ୍ଡାରେ ଗୃହପାଳିତ ପଶୁଗୁଡ଼ିକୁ ରଖାଯାଉଥିଲା । ଏବେ ଘର ଅଗଣାକୁ ଲାଗି ଗୃହପାଳିତ ପଶୁଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଉଛି । ଦାମିକିଆ ଜିନିଷକୁ ଘର ଭିତରେ ରଖାଯାଏ । କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ସମୂହକୁ ଘର ବାରଣ୍ଡାରେ ରଖାଯାଏ । ଘରର ବାରଣ୍ଡା ପ୍ରଶସ୍ତ । ପରିବାରର ବିଭିନ୍ନ କାମଧନ୍ଦା ବାରଣ୍ଡାରେ କରାଯାଏ । ଘର ଅଗଣାରେ ମହିଳାମାନେ ସବାଇ ଘାସରୁ ଦଉଡ଼ି ତିଆରି କରିବା ଓ ଶାଳପତ୍ରରୁ ଖଲି ଦନା ଆଦି ତିଆରି କରିବା କାମରେ ନିୟୋଜିତ ଥାନ୍ତି । ଲୋଧାମାନଙ୍କର ପୁରୁଣା ଘର ସାମୟିକ ଭାବରେ ମରାମତି






ଆବଶ୍ୟକ କରେ । ପ୍ରତି ବର୍ଷ ସେମାନେ ଘରର ଛାଳ ଛପରକୁ ନୂଆ କରି କରନ୍ତି ବା ଆବଶ୍ୟକ ସ୍ଥଳେ ଅଳ୍ପ ମରାମତି କରନ୍ତି । କାଠ ବାଉଁଶ ବଦଳାନ୍ତି । ଘରକାନ୍ଥକୁ ଦୃଢ଼ ଓ ଦୀର୍ଘ ସ୍ଥାୟୀ କରିବା ନିମନ୍ତେ ନିୟମିତ ବ୍ୟବଧାନରେ ମାଟି ଓ ଗୋବର ଲିପନ୍ତି ।

ସରକାର ଲୋଧାମାନଙ୍କ ନିମନ୍ତେ ବଡ ବଡ ଖପର ଘର ଯୋଗାଇ ଦେଇଛନ୍ତି । ଏଗୁଡିକ ନିରାପଦଓ ଦୀର୍ଘ ସ୍ଥାୟୀ । ଲୋଧାମାନଙ୍କ ମଧ୍ୟରୁ କେତେକ ବଢ଼େଇ କାମରେ ଧୁରନ୍ଧର । ସେମାନେ ସୁନ୍ଦର କୁଟିକମ ଖଚିତ କାଠ କାମ କରନ୍ତି ।





# ଅର୍ଥନୈତିକ ଜୀବନ



ଲୋଧାମାନେ ବର୍ତ୍ତମାନ ପୋଡୁଚାଷ ବଦଳରେ ସାଧାରଣ ସ୍ଥାୟୀ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି । ଜଙ୍ଗଲର ଅବକ୍ଷୟ ଓ ଜମି ଉପରୁ ଉଚ୍ଛେଦଜନିତ ସମସ୍ୟା ଲୋଧାମାନଙ୍କୁ ଅନୈତିକ କାର୍ଯ୍ୟରେ ଲିପ୍ତ ହେବାକୁ ପରୋକ୍ଷରେ ପ୍ରରୋଚିତ କରୁଛି । ପୋଲିସ ପାଖରେ ଖବର ପହଞ୍ଚିଲେ ପୋଲିସ ଅବିଚାରିତ ଭାବେ ସେମାନଙ୍କୁ ସନ୍ଦେହ କରୁଛି । ବହୁତ ହଇରାଣ ମଧ୍ୟ କରୁଛି ।

ଅଳ୍ପ କେତେକ ଲୋଧା ପରିବାର ନିଜ ଜମି ବା ପଡୋଶୀଙ୍କ ଜମି ଚାଷ କରନ୍ତି । ଜୀବନ ଜୀବିକାର ଚାହିଦା ମୁତାବକ ପାରିଶ୍ରମିକ ଜମିକାମରୁ ନ ମିଳିବାରୁ ଲୋକମାନେ ସରକାରୀ ଯୋଜନାରେ ଉପଲବ୍ଧ ହେଉଥିବା ଶ୍ରମ ସୁଯୋଗର ସୁବିଧା ନେଇ ସାମୟିକ ମଧ୍ୟ ଉପକୃତ ହେଉଛନ୍ତି ।

ସବାଇ ଘାସରେ ଦଉଡି ତିଆରି କରି ତାହାକୁ ବିକ୍ରି କରି ଲୋଧାମାନେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି । ଟସର ଚାଷ ଓ ଜଙ୍ଗଲରୁ ଜାଳେଣୀ କାଠ ସଂଗ୍ରହ ମଧ୍ୟ ସେମାନଙ୍କ ଅର୍ଥନୀତିକୁ ପ୍ରଭାବିତ କରିଥାଏ ।



ଲୋଧା ସମାଜରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ପରିଶ୍ରମୀ । ପୁରୁଷମାନେ ମୁଖ୍ୟତଃ ପିଲାମାନଙ୍କର ଯତ୍ନନେବା, ଜାଳେଣି କାଠ ସଂଗ୍ରହ କରିବା, ଗାଈଗୋରୁ ଚରେଇବା, ଚାଷ କରିବା, ଖାଦ୍ୟ ପ୍ରସ୍ତୁତ କରିବା ଆଦି କାମ କରନ୍ତି । କେବଳ ହଳ କରିବାକୁ ବାଦ୍ ଦେଲେ ମହିଳମାନେ ପ୍ରାୟତଃ ସବୁକାମରେ ବେଶ୍ ନିପୁଣ ।









ବିଭିନ୍ନ ଅସ୍ତ୍ରଶସ୍ତ୍ର ଉପଯୋଗ କରି ଶିକାର କରିବା, ମାଛ ଧରିବା ସେମାନଙ୍କର ଅଭ୍ୟାସ । ମାଛ ଧରା ଖାପ ଓ ହାତବୁଣା ଜାଲରେ ସେମାନେ ମାଛ ଧରିଥାନ୍ତି । ସେମାନେ ମଧ କଇଁଛ ଧରନ୍ତି । ପୂର୍ବରୁ ସେମାନେ ପୋଡୁଗ୍ଷ କରୁଥିଲେ । ବର୍ତ୍ତମାନ ପୋଡୁ ବଦଳରେ ସାଧାରଣ ଗ୍ଷ କରୁଛନ୍ତି । ସେମାନଙ୍କ ମଧରେ କୋଠ ଗ୍ଷର ପ୍ରଚଳନ ରହିଛି । କେତେକ କ୍ଷେତ୍ରରେ ଅଣ ଲୋଧାମାନେ ଲୋଧାମାନଙ୍କ ଜମିକୁ ବେଆଇନ ଭାବେ ଜବରଦଖଲ କରି





ଚାଷ କରୁଥିବାର ଦେଖାଯାଏ । ଧାନ ଚାଷ ମୁଖ୍ୟ ହେଲେ ମଧ୍ୟ ସବାଇ ଘାସ ଚାଷ ଲାଭଦାୟକ ହୋଇଥାଏ । ଗୃହପାଳିତ ପଶୁମାନଙ୍କୁ ପାଳନ କରିବା ପାଇଁ ଲୋଧାମାନେ ଆଗ୍ରହ ପ୍ରକାଶ କରନ୍ତି । ସେମାନେ ଗାଇ, ମଇଁଷି, ଛେଳି, କୁକୁଡା ଆଦି ପାଳନ କରନ୍ତି । ପାଳିତ ପଶୁମାନଙ୍କୁ ପର୍ବପର୍ବାଣି ଓ ପୂଜାରେ ବଳି ଭାବେ ଉପଯୋଗ କରିବା ସହିତ ଆବଶ୍ୟକ ସ୍ଥଳେ ନିଜ ପାରିବାରିକ ଗୁଜୁରଣ ମେଣ୍ଟାଇବା ନିମନ୍ତେ ବିକ୍ରି କରିଥାନ୍ତି ।







ଲୋଧାମାନେ ପ୍ରାଚୀନକାଳରୁ ଟସର ଚାଷ ଓ ତା'ର କୋଷା ସଂଗ୍ରହ କରିବାରେ ଅଭ୍ୟସ୍ତ । ଜଙ୍ଗଲ ଅବକ୍ଷୟ କାରଣରୁ ଏହି ଲାଭଦାୟକ ବେଉଷାରୁ ସେମାନେ ବଂଚିତ ହେବାର ଦେଖାଯାଉଛି । ବର୍ତ୍ତମାନ ଅଳ୍ପ କେତେକ ଲୋଧା ପରିବାର ଜଙ୍ଗଲରେ ଟସର ଉତ୍ପାଦନ କରି ବ୍ୟବସାୟୀମାନଙ୍କୁ ବିକ୍ରି କରୁଛନ୍ତି । ଏହି ଏଣ୍ଡିପୋକ ଚାଷ ଲୋଧାମାନଙ୍କର ଆର୍ଥିକ ବିକାଶରେ ବେଶ୍ ସହାୟକ ।





ଜୁନ୍ ମାସ ସୁଦ୍ଧା ଏଣ୍ଡିପୋକ ଅଣ୍ଡା ଦିଅନ୍ତି । ଅଣ୍ଡାରୁ ଛୁଆ ବାହାରିବା ପରେ ଟସର ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୁଏ ।

ଲୋଧାମାନେ ଯଦିଓ ଶାରୀରିକ ଭାବରେ ବେଶ୍ ହୃଷ୍ଟପୁଷ୍ଟ ଓ ସ୍ୱାସ୍ଥ୍ୟବାନ୍ ତଥାପି ସେମାନେ ପରିଶ୍ରମୀ ନୁହଁନ୍ତି । କୌଣସି କାମରେ ନିଜକୁ ନିୟୋଜିତ ନ କରି ଚୋରୀ, ଡକାୟତି ପରି ଅନୈତିକ କାର୍ଯ୍ୟରେ ଲୋଧା ଯୁବଗୋଷ୍ଠୀ ବେଳେ ବେଳେ ଜଡିତ ହୋଇପଡନ୍ତି ।



ଜଙ୍ଗଲ ସହ ସେମାନଙ୍କ ସମାଜ ଓ ଅର୍ଥନୀତି ଜଡ଼ିତ । ଏହାବ୍ୟତୀତ କୃଷି, ପତ୍ର ଖଲି ତିଆରି, ସବାଇ ଘାସ ଦଉଡ଼ି ଆଦିରୁ ମଧ୍ୟ ବେଶ୍ ଦୁଇ ପଇସା ରୋଜଗାର କରିହୁଏ । ଶସ୍ୟ ଅମଳ ପୂର୍ବ ସମୟ ସେମାନଙ୍କ ପକ୍ଷରେ ଚଳିବା କଷ୍ଟକର ହୋଇପଡେ । ଏହି ସମୟରେ ଲୋଧାମାନେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି । ଖାଦ୍ୟଦ୍ରବ୍ୟ ପୋଷାକ ଓ ଅଳଙ୍କାର ଆଦି କିଣିବାରେ ରୋଜଗାରର ପ୍ରମୁଖ ଅଂଶ ଖର୍ଚ୍ଚ ହୋଇଯାଏ । ଅଳ୍ପ ଖାଦ୍ୟରେ ଚଳିଯିବାକୁ ପଡେ । ଖାଦ୍ୟ ଓ ଚଳଣୀର ମାନରେ ଭିନ୍ନତା ପରିଦୃଷ୍ଟ ହୁଏ । ଆୟର ପ୍ରମୁଖ ଅଂଶ ହାଣ୍ଡିଆ କିଣିବାରେ ଖର୍ଚ୍ଚ ହୋଇଯାଏ । ଭାତ, ଡାଲି, ଅଣ୍ଡା, ମାଛ,




ମାଂସ, ପନିପରିବା ମୁଖ୍ୟ ଖାଦ୍ୟ ଭାବରେ ବ୍ୟବହୃତ ହୁଏ । ଗ୍ରୀଷ୍ମ ଋତୁରେ ଆମ୍ବ, ମହୁଲ,ତେନ୍ତୁଳି ଆଦି ଋତୁକାଳୀନ ଫସଲ ଦ୍ୱାରା କିଛି ଦିନ ଚଳିଯାଇହୁଏ ।



ଲୋଧା ପୁରୁଷମାନେ ଧୋତି ଓ ସାର୍ଟ ପିନ୍ଧନ୍ତି । ମହିଳାମାନେ ଶାଢ଼ି ଓ ବ୍ଲାଉଜ ପିନ୍ଧନ୍ତି । ଛଅ-ସାତ ବର୍ଷ ପର୍ଯ୍ୟନ୍ତ ବାଳକ ବାଳିକା ପ୍ରାୟତଃ କିଛି ପିନ୍ଧନ୍ତି ନାହିଁ । ବୃଦ୍ଧମାନେ ଅଣ୍ଟାରେ ଛୋଟ ଖଣ୍ଡେ କପଡ଼ା ଗୁଡ଼େଇ ବାନ୍ଧିଥାନ୍ତି । ବ୍ୟବହାର କରୁଥିବା ବସ୍ତ୍ରସାମଗ୍ରୀ ନିକଟ



ବଜାରରୁ କିଣିଥାନ୍ତି । ଅର୍ଥାଭାବରୁ ଶୀତ ଋତୁରେ ଶୀତ ବସ୍ତ୍ର କିଣିପାରନ୍ତି ନାହିଁ । ଏହି ସମୟରେ ଶୀତ ଦାଉରୁ ରକ୍ଷା ପାଇବା ନିମନ୍ତେ ଛୋଟ ଛୋଟ କାଠ ଗଣ୍ଡିରେ ନିଆଁ ଲଗାଇ ତାହାକୁ ଘର ଭିତରେ ରଖନ୍ତି ।



ଲୋଧାମାନେ ପିଲାମାନଙ୍କ ପାଠ ପଢ଼ାଇବାରେ ଅଳ୍ପ ପଇସା ଖର୍ଚ୍ଚ କରିବାର ଦେଖାଯାଏ । ରୋଷେଇ କରିବା ନିମନ୍ତେ କିଛି ମାଟି ହାଣ୍ଡିର ପାତ୍ର, ଲୁହା ତାଉଆ ଓ ଆଲୁମିନିୟମ ଥାଳି ଆଦି ବ୍ୟବହାର କରନ୍ତି । ଚାଙ୍ଗୁ ଓ ମାଦଳ ସେମାନଙ୍କର ମୁଖ୍ୟ ବାଦ୍ୟଯନ୍ତ୍ର । ଏହା ପରିବାରର ଏକ ବିଶେଷ ସଂପତ୍ତି । ଲୋଧା ମହିଳାମାନେ ହାତରେ ଓ ବେକରେ କାଚ ତିଆରି ଚୁଡି ଓ ମାଳା ବ୍ୟବହାର କରନ୍ତି । ସୁନା ଓ ରୂପା ତିଆରି ଅଳଂକାର କ୍ୱଚିତ୍ ବ୍ୟବହୃତ ହୁଏ ।







# ସାମାଜିକ ଜୀବନ



ଲୋଧା ସମାଜରେ ବଂଶ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତି ବଂଶର ଏକ ଚିହ୍ନ ରହିଛି । ପଶୁପକ୍ଷୀମାନଙ୍କ ନାମରେ ଏହି ଚିହ୍ନଟି 'ଗୋତ୍ର' ନାମରେ ପରିଚିତ । ନିଜ ବଂଶରେ ବିବାହ ନିଷିଦ୍ଧ । ଲୋଧାମାନଙ୍କର ପିତୃକେନ୍ଦ୍ରିକ ପରିବାର । ବିବାହ ପରେ କନ୍ୟା ତା'ର ସ୍ୱାମୀ ଗୋତ୍ରକୁ ଗ୍ରହଣ କରେ । ଲୋଧାମାନଙ୍କର ବଂଶ ନଅ ଭାଗରେ ବିଭକ୍ତ । ସେଗୁଡ଼ିକ ହେଲା - (୧) ଭଗତା, ଭୁକ୍ତା, ଭକ୍ତା, (୨) ମଲ୍ଲିକ, (୩) କୋଟଲ, (୪) ନାୟକ, ଲାୟକ, (୫) ଦିଗାର, (୬) ପରମାଣିକ, (୭) ଦଣ୍ଡପାଟ, (୮) ଆରିସ, ଆହାରି, (୯) ଭୂୟାଁ, ଭୂଞ୍ଚା । ପ୍ରାୟ ପ୍ରତି ଗ୍ରାମରେ ଭଗତା, ଭୁକ୍ତା, ଭକ୍ତା ବା ବାଗ୍ ଜାତିର ଲୋକମାନେ ଦେଖାଯାଆନ୍ତି । ଏହି ବଂଶର ଲୋକମାନଙ୍କର ଗୋତ୍ର ଚିହ୍ନ ଚିର୍କା ଆଳୁ । ଏହା ଏକ ପ୍ରକାର ବଣ୍ୟ ଆଳୁ । ଏହି ଜାତୀୟ ଆଳୁକୁ ଏହି ବଂଶର ଲୋକମାନେ ସଂଗ୍ରହ କରନ୍ତି ନାହିଁ । ଭୂକ୍ତା ବଂଶ ଦୁଇ ଭାଗରେ ବିଭକ୍ତ । ଏହି ଦୁଇ ବଂଶ ମଧ୍ୟରେ ବୈବାହିକ ସଂପର୍କ ନିଷିଦ୍ଧ । କେତେକ ଗାଁକୁ ବାଦ୍ ଦେଲେ ମଲିକମାନେ ପ୍ରାୟତଃ ସବୁଆଡେ ଦେଖାଯାଆନ୍ତି । 'ମକର' ତାଳବୀଜ ଏମାନଙ୍କର ବଂଶୀୟ ଚିହ୍ନ । କୋଟଲମାନଙ୍କର ବଂଶୀୟ ଚିହ୍ନ ହେଉଛି ଝିଣ୍ଟିକା ବା ଚନ୍ଦ୍ର । ଲୋଧା ସମାଜରେ କୋଟଲମାନଙ୍କର ସ୍ୱତନ୍ତ୍ର










ପଦମର୍ଯ୍ୟାଦା ରହିଛି। ନାୟକ କହିଲେ ଦୋଡୋ ବା ମୁଖ୍ୟ । ନାୟକମାନଙ୍କର ବଂଶୀୟ ଚିହ୍ନ ଶାଳମାଛ । ଲମ୍ୱା ଚଢ଼େଇ ମାଣିକକୁ ପାରମାଣିକ ମାନଙ୍କର ବଂଶୀୟ ଚିହ୍ନ । ଡିଗର ମାନଙ୍କର ବଂଶୀୟ ଚିହ୍ନ ହେଲା - କଇଁଛ । ଏହାକୁ ଛୁଅନ୍ତି ନାହିଁ ବା ଆଘାତ ଦିଅନ୍ତି ନାହିଁ । ଚାନ୍ଦି ମାଛ ଅହିରିମାନଙ୍କର ଚିହ୍ନ । ଭୂୟାଁମାନଙ୍କର ଚିହ୍ନ ହେଉଛି ଶାଳମାଛ ।

ଆକାର ଓ ପ୍ରକାର ଭେଦରେ ଲୋଧା ପରିବାର ଦୁଇ ଭାଗରେ ବିଭକ୍ତ । ଏକକ ସଂପ୍ରସାରିତ ଲୋଧା ପରିବାର ପିତୃକୈନ୍ଦ୍ରିକ । ପିତା ପରିବାରର ମୁଖ୍ୟ । ସେ ପରିବାର ପରିଚ୍ଳନାରେ ପ୍ରମୁଖ ଅଂଶ ଗ୍ରହଣ କରନ୍ତି । ସମସ୍ତଙ୍କ ସହିତ ଆଲୋଚନା କରି କିଏ କେଉଁ କାମ କଲେ ଠିକ୍ ହେବ ତାହା ପରିବାରର ମୁଖ୍ୟ ସ୍ଥିର କରନ୍ତି । ପିତାଙ୍କ ମୃତ୍ୟୁ ପରେ ମା' ବା ବଡଭାଇ ପରିବାର ପରିଚ୍ଳନା ଭାର ବହନ କରେ । ସାମାଜିକ ଓ ଅର୍ଥନୈତିକ ଘଟଣା ସମୂହରେ ମାମୁଁଙ୍କ ପରାମର୍ଶକୁ ଗ୍ରହଣ କରାଯାଏ । ଲୋଧା ସମାଜରେ କାହାର ମୃତ୍ୟୁ ହେଲେ ନିକଟ ଓ ଦୂର ସଂପକୀୟମାନେ ସେଥିରେ ଅଂଶଗ୍ରହଣ କରନ୍ତି । ଗ୍ରାମରେ ବାସ କରୁଥିବା ଅନ୍ୟସାଥୀ ଭାଇମାନେ ମଧ ମୃତ୍ୟୁ ପର୍ବରେ ଅଂଶ ଗ୍ରହଣ କରନ୍ତି । ମାତ୍ର ରକ୍ତ ସଂପର୍କୀୟମାନେ ମୃତ୍ୟୁପର୍ବରେ ହେଉଥିବା ଶୁଦ୍ଧକ୍ରିୟା କର୍ମରେ ଅଂଶଗ୍ରହଣ କରନ୍ତି । ଯୁବକ ଯୁବତୀମାନେ ବାପା ମାଆମାନଙ୍କୁ ଗୃହକର୍ମରେ ସାହାଯ୍ୟ ସହଯୋଗ କରନ୍ତି । ସ୍ଥଳ ବିଶେଷରେ ସେମାନେ ମଧ ବାହ୍ୟ କର୍ମରେ ସାହାଯ୍ୟ କରନ୍ତି । ଝିଅ ଅପେକ୍ଷା ପୁଅଟିଏ ଜନ୍ମ ହେବାକୁ ଲୋଧାମାନେ ଅଧିକ ପସନ୍ଦ କରିଥାନ୍ତି । ମା' ବଢିଲା ଝିଅର ଚ୍ଳିଚଳଣି ଓ




ଚରିତ୍ର ଉପରେ କଡା ନଜର ରଖିଥାଏ । ଗୃହ ପରିଚାଳନା କାର୍ଯ୍ୟରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୁରୁଷମାନେ ଚୋରୀ କରି ଆଣୁଥିବା ସାମଗ୍ରୀଗୁଡିକୁ ବିକ୍ରିବଟା କରିବାରେ ଲୋଧା ମହିଳା ବେଶ୍ ପାରଙ୍ଗମ । ଗୃହ ଅର୍ଥନୀତିରେ ସୁଧାର ଆଣିବା ନିମନ୍ତେ ଲୋଧା ରମଣୀ ଶ୍ରମିକ ଭାବରେ କାମ କରନ୍ତି ।

ଲୋଧାସମାଜରେ ଗାଁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ବଂଶର ଲୋକମାନେ ସାମାଜିକ -ଧାର୍ମିକ ଓ ଅର୍ଥନୈତିକ କାର୍ଯ୍ୟ ସମୂହରେ ପରସ୍ପରକୁ ସାହାଯ୍ୟ ସହଯୋଗ କରନ୍ତି । ଜଣେ ଲୋଧା ଯୁବକ ସାଧାରଣତଃ ୨୦ରୁ ୨୫ ଓ ଯୁବତୀ ୧୬ରୁ ୨୦ ବର୍ଷ ବୟସ ମଧ୍ୟରେ ବିବାହ କରିଥାଏ । ଏହି ବିବାହ କର୍ମ ସଂପାଦନରେ ମଧ୍ୟସ୍ଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିବାହ କାର୍ଯ୍ୟରେ ତିନିଗୋଟି ଲୁଗା ଦରକାର ହୁଏ । ପୁଅ ମା' ପାଇଁ ଗୋଟିଏ ଶାଢ଼ୀ, ମାମୁଁ ଓ ବଡଶଳା ପାଇଁ ଗୋଟିଏ ଗୋଟିଏ ଧୋତି । ଏହାବ୍ୟତୀତ ଯୌତୁକ ଆକାରରେ କିଛି ନଗଦଅର୍ଥ । ଏହି ଯୌତୁକ ଅର୍ଥକୁ ପୁଅର ମା' ଗ୍ରହଣ କରେ । ଏକ ଧାର୍ମିକ ପରିବେଶରେ ବିବାହ କାର୍ଯ୍ୟ ସଂପାଦିତ ହୁଏ । ଅଳସୀ, ଅବିଶ୍ୱାସୀ ଓ ବନ୍ଧ୍ୟା ସ୍ତ୍ରୀକୁ ଛାଡପତ୍ର ଦିଆଯାଇପାରେ । ଲୋଧା ସମାଜରେ ଛାଡପତ୍ର ବ୍ୟବସ୍ଥା ମୁକ୍ତ ଭାବରେ ପ୍ରଚଳିତ । ଜଣେ ବିଧବା ରମଣୀ ବିନାବାଧାରେ ଅନ୍ୟ ଜଣକୁ ପୁନଃ ବିବାହ କରିବାରେ କୌଣସି ସମସ୍ୟା ନ ଥାଏ ।



# ଗୁଣିଗାରେଡ଼ି ଓ ଧର୍ମ ଧାରଣା



ଲୋଧାମାନଙ୍କର ଧାର୍ମିକ ଜୀବନ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବ ସହ ସଂପୃକ୍ତ । ଗାଁ ପୁରୋହିତ ପଦବୀକୁ ଦେହୁରୀ କୁହାଯାଏ । ପ୍ରତି ଧାର୍ମିକ ଅନୁଷ୍ଠାନ ଦେହୁରୀ ଦ୍ୱାରା ପରିଚ୍ଳିତ ହୁଏ । ଦେହୁରୀ ପଦ ପାରଂପରିକ । ଧାର୍ମିକ ଉତ୍ସବ ଅନୁଷ୍ଠାନମାନଙ୍କରେ ଛାଟିଆ ଦେହୁରୀକୁ ସହଯୋଗ କରେ । ଛାଟିଆ ଦେହୁରୀର ସହକାରୀ ଭାବରେ କାର୍ଯ୍ୟ ନିର୍ବାହ କରେ ।


ଲୋଧାମାନେ ବହୁ ଦୁଷ୍ଟ ଓ ଶିଷ୍ଟ ଦେବଦେବୀରେ ବିଶ୍ୱାସ କରନ୍ତି । ଲୋଧାମାନେ ମୁଖ୍ୟ ଦେବତା ଭାବରେ ଭଗବାନ ଓ ବସୁମାତା ବା ପୃଥିବୀମାତାକୁ ପୂଜା କରନ୍ତି ।


ଲୋଧାମାନଙ୍କର ମୁଖ୍ୟ ଦେବୀ  ଶୀତଳାଙ୍କ ଅସୀମ କ୍ଷମତା । ଶୀତଳାଙ୍କୁ ବର୍ଷକୁ ଏକାଧିକ ଥର ଯତ୍ନର ସହିତ ନିଷ୍ଠାସହକାରେ ପୂଜା କରନ୍ତି । ହଇଜା, ବସନ୍ତ ଆଦି ମହାମାରୀ ଦେଖାଦେଲେ ସେତେବେଳେ ଦେବୀ ଶୀତଳାଙ୍କୁ ସ୍ୱତନ୍ତ୍ର ପୂଜା ଓ ବଳି ପ୍ରଦାନ କରି ସନ୍ତୁଷ୍ଟ କରାଯାଏ । ଏହାଦ୍ୱାରା ମହାମାରୀର ପ୍ରକୋପ ହ୍ରାସ ପାଏ ବୋଲି ଲୋଧା ମାନଙ୍କର ବିଶ୍ୱାସ ।



ଶୀତଳାଙ୍କ ବ୍ୟତୀତ ଲୋଧାମାନେ ଚଣ୍ଡୀମାତାଙ୍କୁ ପୂଜା କରନ୍ତି । ବିଶେଷ କରି ଶିକାର ସମୟରେ ଚଣ୍ଡୀଙ୍କୁ ପୂଜା କରାଯାଏ । ଦେବୀଙ୍କ ପ୍ରତୀକ ଭାବରେ ମାଟି ହାତୀକୁ ପୂଜା କରାଯାଏ । ମକର ସଂକ୍ରାନ୍ତି ଓ ପୌଷର ଶେଷ ଦିନରେ ଚଣ୍ଡୀଙ୍କୁ ପୂଜା କରାଯାଏ । ମା ଚଣ୍ଡୀଙ୍କ ନାମରେ ମାଟି ଦେବତାଙ୍କ ଉପସ୍ଥିତିକୁ ବିଶ୍ୱାସ କରନ୍ତି । ଲୋଧାମାନଙ୍କ ପାଇଁ ସ୍ୱର୍ଗ, ଆତ୍ମା ଓ ଅଦୃଷ୍ଟ ଶକ୍ତିର ଚିନ୍ତା ଅମୂଳକ । ଦୁଷ୍ଟଶକ୍ତିର ପ୍ରଭାବରୁ ମୁକ୍ତ ରହିବା ନିମନ୍ତେ ଲୋଧାମାନେ ଘରେ ଜନ୍ମିତ ପିଲାର ନାଭିଫୁଲ ପୋତନ୍ତି ।







ଏହା ଡାହାଣୀମାନଙ୍କ କୁଦୃଷ୍ଟିରୁ ରକ୍ଷା କବଚ ବୋଲି ବିଶ୍ୱାସ କରାଯାଏ । କେତେକ ରୋଗରୁ ରକ୍ଷା ପାଇବା ନିମନ୍ତେ ଲୋଧାମାନେ ପାରଂପରିକ ଗୁଣିଗାରେଡିର ଆଶ୍ରୟ ନିଅନ୍ତି ।

ଲୋଧାମାନେ ଅନେକ ପର୍ବପର୍ବାଣି ପାଳନ କରନ୍ତି । କେତେକ ପର୍ବପର୍ବାଣି ନିର୍ଦ୍ଦିଷ୍ଟ ଦିନରେ ପାଳିତ ହେଲାବେଳେ ଆଉ କେତେକ ସାମାଜିକ ଓ ଆର୍ଥିକ ସୁବିଧାକୁ ଲକ୍ଷ୍ୟ ରଖି ପାଳନର ଦିନ ଧାର୍ଯ୍ୟ କରାଯାଏ । ଅକ୍ଟୋବର ଓ ନଭେମ୍ବର ମାସର ଏଣ୍ଡିପୋକ ଖୋସା ସଂଗ୍ରହ କରିବା ପୂର୍ବରୁ ସାଧାରଣତଃ ପର୍ବପର୍ବାଣିଗୁଡ଼ିକୁ ପାଳନ କରିବା ନିମନ୍ତେ ଦିନ ସ୍ଥିର ହୁଏ ।







# ରାଜନୈତିକ ଜୀବନ

ଲୋଧାମାନଙ୍କୁ ଥଇଥାନ ନିମନ୍ତେ ପୁର୍ନବାସ ବସତି ନିର୍ମାଣ ହେବା ପରେ ଲୋଧା ସମାଜରେ ପୂର୍ବରୁ ଚଳିଆସୁଥିବା ଗ୍ରାମ ପରିଷଦ ତା'ର ଗୁରୁତ୍ୱ ହରାଇଛି । ମାତ୍ର କେତେକ ପୁରୁଣା ଗ୍ରାମରେ ସେହି ପୂର୍ବ ପରମ୍ପରା ଓ ଗୁରୁତ୍ୱ ଏବେବି ରହିଛି । ପାରଂପରିକ ଗ୍ରାମ ପରିଷଦରେ ଉପଯୁକ୍ତ ନ୍ୟାୟ ବିଗ୍ଚର ଦିଆଯିବା ସହିତ ଅନେକ କଳହର ଆପୋଷ ସମାଧାନ ହେଉଛି । ଗ୍ରାମ ପରିଷଦ, ଗ୍ରାମର ଶାନ୍ତି ଓ ସାମାଜିକ ଗ୍ରାମ ମଙ୍ଗଳ କାର୍ଯ୍ୟାବଳୀ ପ୍ରତି ଯଥୋଚିତ ଧ୍ୟାନ ଦେଉଛି । ପାରଂପରିକ ଗ୍ରାମ ପରିଷଦର ସାଙ୍ଗଠନିକ ଶୈଳୀ ଗ୍ରାମଭେଦରେ ପ୍ରାୟତଃ ସମାନ । ଗ୍ରାମ ପରିଷଦର ପ୍ରମୁଖ କର୍ମକର୍ତ୍ତା ସ୍ୱତନ୍ତ୍ର ସୁବିଧା ଓ ସମ୍ମାନର ଅଧିକାରୀ । ପାରଂପରିକ ଗ୍ରାମ ପରିଷଦ ବିବାହ ଅନୁମତି, ଧାର୍ମିକ ପର୍ବପର୍ବାଣୀରେ ଯୋଗଦାନ, ଜୋରିମାନା ନିର୍ଦ୍ଧାରଣ, କୁକର୍ମ ଜନିତ କାରଣରୁ ସାମାଜିକ ବାସନ୍ଦ ଆଦି କେତେକ ବିଗ୍ଚର କ୍ଷମତା ପ୍ରୟୋଗ କରିଥାଏ । ବୟୋଜ୍ୟେଷ୍ଠ ଓ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ଗ୍ରାମ ପରିଷଦର ସଭ୍ୟ ଭାବରେ ଗ୍ରହଣ କରାଯାଏ । ମହିଳା ଓ ଶିଶୁମାନଙ୍କୁ ଏହି ସଭାରେ ମନୋନୀତ କରାଯାଏ ନାହିଁ । ପାରଂପରିକ ସାମାଜିକ ପ୍ରଥାର ବିରୋଧ କରିବା, ଅପମିଶ୍ରଣ କରିବା, ଅବୈଧ ପ୍ରେମ ସଂପର୍କ ସ୍ଥାପନ କରିବା କ୍ଷେତ୍ରରେ ଗ୍ରାମ ପରିଷଦ ବିବିଧ ଦଣ୍ଡ ବିଧାନର ବ୍ୟବସ୍ଥା କରିଥାଏ ।





ପ୍ରତି ଲୋଧା ଗ୍ରାମରେ ପ୍ରଧାନ ନାମରେ ଜଣେ ଧାର୍ମିକ ମୁଖ୍ୟ ଥାନ୍ତି । ଏହି ପ୍ରଧାନଙ୍କୁ ସହାୟତା ଦେଉଥିବା ବ୍ୟକ୍ତି 'ଡାକୁଆ' ନାମରେ ପରିଚିତ । ପ୍ରଧାନ ପାରଂପରିକ ଗ୍ରାମସଭାର ମୁଖ୍ୟ ବ୍ୟକ୍ତି ।

ସଂପ୍ରତି ବିଭିନ୍ନ ଲୋଧା ଗ୍ରାମରେ ଏହି ପାରଂପରିକ ପରିଷଦର ସାଙ୍ଗଠନିକ ଶୈଳୀରେ ଆବଶ୍ୟକ ପରିବର୍ତ୍ତନ ହୋଇଛି । ପୁନଃ ଥଇଥାନ ନିମନ୍ତେ ନିର୍ମିତ

ବସତିର ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ସର୍ଦ୍ଦାରଙ୍କୁ ମନୋନୀତ କରୁଛି । ଅଧିକନ୍ତୁ କେତେକ ଗ୍ରାମରେ ୱାର୍ଡମେୟର ମଧ୍ୟ ଗ୍ରାମ ଉନ୍ନୟନ କାର୍ଯ୍ୟର ସୁପରିଚ୍ଚଳନା କରୁଛି । ପୂର୍ବରୁ ଗ୍ରାମ ପରିଷଦଦୃଢ଼ ଥିଲା । ଗ୍ରାମ ପରିଷଦସବୁ ପ୍ରକାର ଘଟଣାରେ ଶେଷ ନିଷ୍ପତ୍ତି ଗ୍ରହଣ କରୁଥିଲା । ବର୍ତ୍ତମାନ ସମାଜରେ ଲୋକମାନେ ଆରକ୍ଷୀ ବାହିନୀର ତତ୍‌କାଳ ସହାୟତାକୁ ଶ୍ରେୟମନେ କରୁଛନ୍ତି ।

ସାଂପ୍ରତିକ ସାମାଜିକ ଅର୍ଥନୀତି ଓ ପ୍ରଶାସନିକ ପ୍ରଭାବ ଲୋକମାନଙ୍କର ପାରଂପରିକ ମାନସିକତାରେ ପରିବର୍ତ୍ତନ ଆଣିଛି । ଏହାଦ୍ୱାରା ପୂର୍ବର ସାମାଜିକ ସଂହତି ଅନେକାଂଶରେ ବ୍ୟାହତ ହୋଇଛି ।



# ଜୀବନଚକ୍ର



ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋଧା ସମାଜରେ ବହୁ ଧାର୍ମିକ କ୍ରିୟାକର୍ମ ଅନୁଷ୍ଠିତ ହେବାର ସାମାଜିକ ପରଂପରା ରହିଛି । ଏସବୁରେ ଲୋଧାମାନଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ । ସାଧାରଣ ପ୍ରସବ ନିମନ୍ତେ ସ୍ଥାନୀୟ ଦେବତାଙ୍କ ନିକଟରେ ପୂଜା ଆରାଧନା ସହିତ ବଳି ଦିଆଯାଏ । ପ୍ରସବ କାଳରେ ଜଣେ ଅଭିଜ୍ଞା ମହିଳା ଧାଈର କାର୍ଯ୍ୟ ନିର୍ବାହ କରେ । ଶିଶୁ ଜନ୍ମ ହେବା ପରେ ଧାଈ ଗୋଟିଏ ସରୁ ବାଉଁଶ ପାତିଆରେ ତା'ର ନାଭି ଛେଦନ କରେ । ନାଭିନାଡ ଓ ଫୁଲକୁ ଘର ଅଗଣାରେ ପୋତି ଦିଆଯାଏ ।



ଶିଶୁକୁ ବହୁ ଯତ୍ନର ସହିତ ପାଳନ କରାଯାଏ । ପିଲାମାନେ ବଡ ହେବା ପରେ ସେମାନଙ୍କୁ ବିଭିନ୍ନ କର୍ମରେ ନିଯୁକ୍ତ କରାଯାଏ । ଲୋଧା ବାଳିକାମାନେ ଅତ୍ୟନ୍ତ ଶାନ୍ତ, ସରଳ, ନିରୀହ ଓ ପରିଶ୍ରମୀ । ବାଳକମାନେ ଅପେକ୍ଷାକୃତ ଅଧିକ ସ୍ୱାଧୀନ ଓ ମୁକ୍ତ । ଜଣେ ମଧ୍ୟସ୍ଥିର ସହଯୋଗିତାରେ ଲୋଧମାନଙ୍କର ବିବାହକାର୍ଯ୍ୟ ସଂପନ୍ନ ହୁଏ । ଏକ ବିବାହୀ ପ୍ରଥା ସାଧାରଣ ନିୟମ । ବର ଦ୍ୱାରା କନ୍ୟାକୁ ଲୁହାଚୁଡି ପିନ୍ଧାଣ, ବିବାହର ଅଷ୍ଟମ ଦିନରେ କନ୍ୟାର ଘର ବାହୁଡ଼ା ଆଦି ପ୍ରଥା ଲୋଧାମାନଙ୍କର ବିବାହ ବିଧିରେ ପ୍ରଚଳିତ ।



ସାଧାରଣ ବିବାହ ଅପେକ୍ଷା ବିଧବା ବିବାହ ନିରାଡମ୍ବର । ଏଥିରେ ଅଳ୍ପ ଖର୍ଚ୍ଚ ହୁଏ । ଜଣକର ସ୍ତ୍ରୀ ମରିଗଲେ କିମ୍ବା ବନ୍ଧ୍ୟା ହେଲେ ଦ୍ୱିତୀୟ ସ୍ତ୍ରୀର ଆବଶ୍ୟକତା ପଡେ । କେହି

# ବିକାଶ ଓ ପରିବର୍ତ୍ତନ



ଲୋଧାମାନେ ଦାରିଦ୍ର୍ୟ, ନିରକ୍ଷରତା ଓ ବେକାରୀ ମଧ୍ୟରେ କାଳାତିପାତ କରନ୍ତି । ସମୟର ପରିବର୍ତ୍ତନ ସହ ତାଳ ଦେଇ ଲୋଧାମାନଙ୍କର ସାମାଜିକ ଜୀବନ ଜୀବିକା, ରୀତି ଓ ପ୍ରଚଳିତ ନୀତିରେ ମଧ୍ୟ ପରିବର୍ତ୍ତନ ଆସିଛି । ପୂର୍ବେ ଗୋଟିଏ ଗାଁର ଗ୍ରାମବାସୀ ସମସ୍ତେ ଗୋଟିଏ ପରିବାର ପରି ଚଳୁଥିଲେ । ଏହି ଧାରା ବର୍ତ୍ତମାନ ଆଉ ନାହିଁ । ଗୋଷ୍ଠୀଭିତ୍ତିକ ବୁଝାମଣା ଓ ଦଳଗତ ବ୍ୟକ୍ତିଚରିତ୍ର ବଦଳି ଯାଇଛି । ଗୋଷ୍ଠୀ କୈନ୍ଦ୍ରିକତା ବଦଳରେ ବ୍ୟକ୍ତି ସ୍ୱାଧୀନତା ବଢ଼ିଚାଲିଛି । ଲୋଧାମାନେ ଦିନ ମଜୁରି ବଦଳରେ ଛୋଟ ଛୋଟ ବ୍ୟବସାୟ କରିବା, ଦୋକାନ କରିବା ଆଦିକୁ ଅଧିକ ପସନ୍ଦ କରୁଛନ୍ତି । ଲୋଧା ସମାଜରେ ପୂର୍ବରୁ ଥିବା ଗ୍ରାମ ପରିଷଦର ଗୌରବ ଓ ଗରିମା ବର୍ତ୍ତମାନ ଆଉ ନାହିଁ । କଳହର ସମାଧାନ ନିମନ୍ତେ କୋର୍ଟ କଚେରୀକୁ ଯାଉଛନ୍ତି । ଲୋଧାମାନଙ୍କ ବିରୋଧରେ ସେହି ଅଞ୍ଚଳର ଅନ୍ୟ ବର୍ଗର ଲୋକମାନେ ଅଭିଯୋଗ ଆଣୁଛନ୍ତି । ବର୍ଷ ବର୍ଷ ଧରି ଲୋଧାମାନେ ପୋଲିସ, ଜଙ୍ଗଲ ଓ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ଶୋଷଣର ଶିକାର ହୋଇ ଆସୁଛନ୍ତି ।








ସମୟ ସ୍ରୋତରେ ଲୋଧା ସମାଜର ଅର୍ଥନୈତିକ ପ୍ରଗତି ସାଧିତ ହେଲେ ମଧ୍ୟ ଦାରିଦ୍ର୍ୟ କାରଣରୁ ସେମାନେ ପାରଂପରିକ ପ୍ରାଚୀନ ଚଳଣୀରେ ରହିବାକୁ ଶ୍ରେୟ ମନେ କରୁଛନ୍ତି।

ଲୋଧାମାନଙ୍କ ପାରଂପରିକ ଜୀବନଧାରାରେ ପରିବର୍ତ୍ତନ ଆଣି ଏକ ନୂଆ ଜୀବନର ବାଟ ଖୋଲିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ପ୍ରଚେଷ୍ଟାକାରି ରଖିଛନ୍ତି । ଲୋଧାମାନଙ୍କ ଜୀବନକୁ ସରସ ସୁନ୍ଦର ଓ ଗୁଣାତ୍ମକ କରିବା ନିମନ୍ତେ ଲୋଧା ଉନ୍ନୟନ ସଂସ୍ଥା ଗଠନ କରାଯାଇଛି। ସେମାନଙ୍କର ଜୀବନ ଜୀବିକା ଓ ପୋଷାକ ପରିଚ୍ଛଦରେ ପରିବର୍ତ୍ତନ ହୋଇଛି । ମାତ୍ର ପରିବାର, ଗୋଷ୍ଠୀ, ଜାତି, ବଂଶ ଓ ଗ୍ରାମବାସୀଙ୍କ ମଧ୍ୟରେ ଥିବା ସହଯୋଗ ଓ ସଂହତିର ଧାରା ଆଉ ନାହିଁ। ସାହାଯ୍ୟ ପାଇବାର ଲକ୍ଷ୍ୟ ନ ରଖି ଅନ୍ୟକୁ ସହାୟତା ଦେବାର ମାନସିକତା କାହାଠାରେ ଦେଖାଯାଉ ନାହିଁ । ବ୍ୟକ୍ତିର ନୀତି ଓ ନୈତିକ ମୂଲ୍ୟବୋଧ ବିପରୀତ ମୁଖୀ ହୋଇଛି । ପ୍ରତି ମଣିଷ ତା'ର କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଭୁଲି ଯାଇ ଜଙ୍ଗଲ ଜମି ଓ ଗୋଷ୍ଠୀ ସଂପତ୍ତି ଉପରେ ନିଜର ମାଲିକାନା ସାବ୍ୟସ୍ତ କରୁଛି।








ସାମାଜିକ ଓ ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ଲୋଧାମାନଙ୍କର ସାଂସ୍କୃତିକ ଜୀବନ ଶୈଳୀରେ ବିରାଟ ପରିବର୍ତ୍ତନ ଆଣିଛି । ଜୀବନ ଜୀବିକାର ଗୁଣାତ୍ମକ ମୂଲ୍ୟ ବଢ଼ାଇବା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବରେ ଅଙ୍ଗୀକାରବଦ୍ଧ ହୋଇଛନ୍ତି । ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା; ଶିକ୍ଷା, ସାମାଜିକ ପରିବେଶ, ମୌଳିକ ଭିତ୍ତିଭୂମିର ଉନ୍ନୟନ ତଥା ବ୍ୟକ୍ତିଗତ ହୀତକାରୀ ଯୋଜନା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ବହୁମୁଖୀ ଯୋଜନାମାନ ପ୍ରଣୟନ କରାଯାଇଛି । ବିଜ୍ଞାନ ଭିତ୍ତିକ ଆଧୁନିକ କୃଷି ପ୍ରଶିକ୍ଷଣ, ଉନ୍ନତ କିସମର ବିହନ ଯୋଗାଣ, ଜଳସେଚନର ବ୍ୟବସ୍ଥା, ଉତ୍ପାଦିତ ଦ୍ରବ୍ୟର ବିପଣନ ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଏହାଦ୍ୱାରା ପାରଂପରିକ ଜୀବନଶୈଳୀ ଆଧୁନିକତାକୁ ଗ୍ରହଣ କରି ପରିବର୍ତ୍ତନ ହେବାରେ ଲାଗିଛି ।

୧୯୮୬ଠାରୁ ଲୋଧା ଉନ୍ନୟନ ସଂସ୍ଥା ମୟୂରଭଞ୍ଜ ଜିଲ୍ଲାର ମୋରଡା ଠାରେ କାର୍ଯ୍ୟ କରୁଛି । ଲୋଧାମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନୟନ ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା ରହିଛି । କୃଷି, ଉଦ୍ୟାନ କୃଷି, ଯୋଗାଯୋଗ, ଜଳସେଚନ ଆଦିର ବିକାଶ ନିମନ୍ତେ ଲୋଧା ଉନ୍ନୟନ ସଂସ୍ଥାର କାର୍ଯ୍ୟ ପ୍ରସଂଶନୀୟ ।



ଲୋଧା ଉନ୍ନୟନ ସଂସ୍ଥା ନିକଟରେ ଥିବା ବିଦ୍ୟାଳୟ ପ୍ରତି ପିଲାମାନେ ଆକୃଷ୍ଟ ହେଉଛନ୍ତି । ଏହାଦ୍ୱାରା ଶିକ୍ଷାରେ ପ୍ରଗତି ହୋଇଛି । 'ଜ୍ଞାନମନ୍ଦିର' ନାମରେ ପରିଚିତ ଅଣ-ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ପିଲାମାନଙ୍କର ଶୈକ୍ଷିକ ବିକାଶ ନିମନ୍ତେ କାର୍ଯ୍ୟ






କରୁଛି । ଲୋଧାସମାଜର ସର୍ବାଙ୍ଗୀନ ଉନ୍ନତି କଳ୍ପେ ସରକାର ବିଭିନ୍ନ ଯୋଜନା ଜରିଆରେ ଉନ୍ନୟନମୂଳକ କାର୍ଯ୍ୟମାନ କରିଥିଲିଛନ୍ତି । ଏହାଦ୍ୱାରା ଲୋଧା ଜୀବନ ଶୈଳୀରେ ପରିବର୍ତ୍ତନ ଓ ମୁଣ୍ଡପିଛା ଆୟରେ ସମୃଦ୍ଧି ଘଟିଛି । ସବୁ ପ୍ରକାର ଉନ୍ନୟନ ସହିତ ସାଂସ୍କୃତିକ ମୂଲ୍ୟବୋଧକୁ ବଜାୟ ରଖିବା ନିମନ୍ତେ ପ୍ରଚେଷ୍ଟା ରହିଛି । ନିର୍ମଳ ପାନୀୟ ଜଳଯୋଗାଣ ନିମନ୍ତେ ନଳକୂପ ଖନନ ଓ ଲୋଧା ଘରକୁ ପାଇପ୍ ଜଳଯୋଗାଣର ବ୍ୟବସ୍ଥା କରାଯାଉଛି । ଅଗ୍ନି ନିରୋଧକ ଗୃହନିର୍ମାଣ ଲୋଧା ସମାଜର ପରିବର୍ତ୍ତନର ଏକ ପ୍ରତୀକ । କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପୋଖରୀ ଖନନ, ଗଭୀର କୂପ ଖନନ, ଆଦି କେତେକ ଉଲ୍ଲେଖନୀୟ ପ୍ରକଳ୍ପ ଲୋଧାମାନଙ୍କର ସାମାଜିକ ଜୀବନକୁ ସରସ, ସୁନ୍ଦର କରୁଛି । ସ୍ୱାସ୍ଥ୍ୟର ଯତ୍ନ ସହିତ ଶିକ୍ଷାର ପ୍ରସାର ଲୋଧା ଜନ ଜୀବନକୁ ବେଶ୍ ପ୍ରଭାବିତ କରିଛି ।







ଲୋଧାମାନେ ବସବାସ କରୁଥିବା ଅଞ୍ଚଳରେ ବିଦ୍ୟାଳୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପୋଲିସ ଚେକ୍‌ପୋଷ୍ଟ, କୃଷି ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ଡାକଘର, ସାପ୍ତାହିକ ହାଟ, ବଜାର, ବଡ ବଡ ଦୋକାନ ଓ ବ୍ୟାଙ୍କ୍ ଆଦି ପ୍ରତିଷ୍ଠା ଫଳରେ ଲୋଧାମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ଧାରାରେ ପରିବର୍ତ୍ତନ ଆସୁଛି ।







# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୂହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୂହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ

**ବିଶ୍ୱର କୁମାର ନାୟକ**

ସଦସ୍ୟ ସଚିବ

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍‌ସଲ୍‌ଟାନ୍ସି